**ସଂକ୍ଷେପରେ**

## ଶତାୟୁ ମହିଳାଙ୍କ ପରଲୋକ



ଗୁଣପୁର,୨୪।୧୨ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସହର ବେବର୍ତ୍ତା ସାହିର ବରିଷ୍ଠ ନାଗରିକ କୃଷ୍ଣ ପ୍ରସାଦ ବେବର୍ତ୍ତାଙ୍କ ମା ଗୁଣମଞ୍ଜରୀ ବେବର୍ତ୍ତା (୧୦୭)ଙ୍କର ମଙ୍ଗଳବାର ପରଲୋକେ ହୋଇଛି । ସେ ଜଣେ ଧର୍ମ ପରାୟଣ ମହିଳା ଭାବେ ଜଣାଶୁଣା ଥିଲେ। ଏହି ଖବର ପରେ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ତାଙ୍କ ଘରକୁ ଯାଇ ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

# ଟେକ୍ନୋ ସାଂସ୍କୃତିକ ଉତ୍ସବ 'ସୃଜନ ୩.୦' ଉଦ୍‌ଯାପିତ

■ ଜିଆଇଇଟି ବିଶ୍ୱବିଦ୍ୟାଳୟ
■ ମଣ୍ଟୁ ଛୁରିଆଙ୍କ ଗୀତରେ ଝୁମିଲେ ଦର୍ଶକ

ଗୁଣପୁର,୨୪।୧୨ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଗତ ୩ ଦିନ ଧରି ଚାଲିଥିବା ବାର୍ଷିକ ଟେକ୍ନୋ ସାଂସ୍କୃତିକ ଉତ୍ସବ 'ସୃଜନ ୩.୦' ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସକାଳେ ମାରାଥନ ଅନୁଷ୍ଠିତ ହୋଇଥିଲା। ମାରାଥନ ସ୍ଥାନୀୟ ଭେଙ୍କଟେଶ୍ୱର ମନ୍ଦିରରୁ ଆରମ୍ଭହୋଇ ଜିଆଇଇଟି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ,ଏନ୍‌ସିସି କ୍ୟାଡେଟ୍ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟ ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗଦେଇ ମାରାଥନର ଶୁଭାରମ୍ଭ କରିବା ସହ ପ୍ରତ୍ୟେକ ଦିନ ଦୌଡ଼ିବା ଦ୍ୱାରା ଶରୀର



ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି । )

ସୁସ୍ଥ ରହେ । ଏହାଦ୍ୱାରା ଶରୀର ରୋଗମୁକ୍ତ ହେବ ବୋଲି କହିଥିଲେ। କୁଳପତି ଡ.ଏଭିଏନ୍ଏଲ୍ ଶର୍ମା, ରେଜିଷ୍ଟ୍ରାର ଡ. ଏନ୍‌ଭିଜେ ରାଓ, ପରୀକ୍ଷା ନିୟନ୍ତ୍ରକ ପି.ବିଜୟ କୁମାର ପ୍ରମୁଖ ଯୋଗ ଉପସ୍ଥିତ ଥିଲେ।

ପୂର୍ବାହ୍ନରେ ଉଦ୍‌ଯାପନୀ ସଭା ଆୟୋଜନ କରାଯାଇଥିଲା। ଏଥିରେ ବିଶେଷ ଅତିଥି ଭାବେ ହାଇଦ୍ରାବାଦସ୍ଥିତ ଜେଲିସ୍ କମ୍ପାନୀ ସିନିୟର ପ୍ରିନ୍ସିପାଲ ଅର୍କିଟେକଚର ଟି. ବିଦ୍ୟାସାଗର ଓ ମୀରାକଲ୍ ସଫ୍ଟୱେର ମ୍ୟାନେଜର ଭି.ମଧୁ ଯୋଗଦେଇ କମ୍ପ୍ୟୁଟର ବିଜ୍ଞାନର ବିଭିନ୍ନ ଭବିଷ୍ୟତର ଆହ୍ୱାନ ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ଉପଦେଶ ଦେଇଥିଲେ। କମ୍ପ୍ୟୁଟର ସାଇନ୍ସ ବିଭାଗ ଡେପୁଟି ଡିନ୍ ଡ. କେ. ମୁରଲୀ ଗୋପାଳ ମଞ୍ଚାସୀନ ଥିଲେ। ପରୀକ୍ଷା ନିୟନ୍ତ୍ରକ ଡ. ପି.ବିଜୟ କୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ନଳିନୀକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁଣପୁର ଉପଜିଲାପାଳ କିରଣଦୀପ୍ କୌର ସହୋତା ପ୍ରଦୀପ ପ୍ରଜ୍ୱଳନକରି ଶୁଭାରମ୍ଭ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ତହସିଲଦାର ଲୀଳାବତୀ ଆଚାର୍ଯ୍ୟା,ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନ, ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡ଼ା, ଅତିରିକ୍ତ ଜିଲାପାଳ ସତ୍ୟଜିତ ନାୟକ, ଆଇଆର୍‌ବିଏନ୍ ଦୁର୍ଗପତି ବ୍ରଜ ମୋହନ ନାୟକ, ଅତିରିକ୍ତ ଜିଲା ଆରକ୍ଷୀ ଅଧିକାରୀ ଅମୂଲ୍ୟ ଧଳ, ବିଶ୍ୱବିଦ୍ୟାଳୟର ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା, ରେଜିଷ୍ଟ୍ରାର ଏନ୍‌ଭିଜେ ରାଓ ଏବଂ ଆବାହକ ବିଭୁପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସୁନାମଧନ୍ୟ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ ସଙ୍ଗୀତରେ ଦର୍ଶକମାନେ ଝୁମିଥିଲେ ।

# ବେଦାନ୍ତ ଆଲୁମିନିୟମର 'ସ୍ୱର୍ଣ୍ଣ ପ୍ରାଶନ' କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୪।୧୨ (ଅନୁରାଧା ମହାରଣା)

ଆଲୁମିନିୟମ୍ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ୍ ଆୟୁଷ ମନ୍ତ୍ରଣାଳୟ ସହ ଭାଗିଦାରୀରେ ଏହାର 'ସ୍ୱର୍ଣ୍ଣ ପ୍ରାଶନ' ଅଭିଯାନର ଚତୁର୍ଥ ପର୍ଯ୍ୟାୟ ସଫଳତାର ସହ ଶେଷ କରିଛି। ଏହି ଅଭିଯାନ ଓଡ଼ିଶାର ୧୭ହଜାରରୁ ଅଧିକ ଛାତ୍ରୀଛାତ୍ରଙ୍କ ପାଖରେ ପହଞ୍ଚି ପାରିଛି । ଓଡ଼ିଶାର ରାୟଗଡ଼ା ଓ କଳାହାଣ୍ଡି ଜିଲାର ୧୫ଟି ସରକାରୀ ବିଦ୍ୟାଳୟରେ ଏହି ଅଭିଯାନ ଆରମ୍ଭ ହୋଇଥିଲା । ଏହି ଆୟୁର୍ବେଦିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସ୍ମୃତି ଶକ୍ତି ବୃଦ୍ଧି କରିବା ଏବଂ ପିଲାଙ୍କ ପ୍ରାରମ୍ଭିକ ସମୟରେ ସାମଗ୍ରିକ ବିକାଶକୁ ସମର୍ଥନ କରିବା ପାଇଁ ଉଦ୍ଦିଷ୍ଟ। ଜିଲା ଆୟୁର୍ବେଦ ଓ ବିଦ୍ୟାଳୟ ପ୍ରଶାସନର ସହଯୋଗରେ ଏହି କାର୍ଯ୍ୟକ୍ରମର କରାଯାଇଥିଲା । ସେପ୍ଟେମ୍ବରରେ ଆୟୁଷ ମନ୍ତ୍ରଣାଳୟ ସହ ଭାଗିଦାରୀରେ ଏହି ପଦକ୍ଷେପ ଆରମ୍ଭ କରିବା ପରଠାରୁ ବେଦାନ୍ତ ଆଲୁମିନିୟମ ଓଡ଼ିଶା ସରକାର ଏବଂ ଆୟୁଷ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ବର୍ତ୍ତମାନ କଳାହାଣ୍ଡି ଓ ରାୟଗଡ଼ା ଜିଲାରେ କାର୍ଯ୍ୟ କରୁଛି। ଏଥିସହ ଏହାକୁ କୋରାପୁଟ ଜିଲାରେ ବିସ୍ତାର କରିବାକୁ ଯୋଜନା ରହିଛି । ବେଦାନ୍ତ ଆଲୁମିନିୟମର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ସ୍ୱର୍ଣ୍ଣପ୍ରାଶନ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ପଛୁଆ ଅଞ୍ଚଳରେ ଶିଶୁ ସ୍ୱାସ୍ଥ୍ୟ ଏବଂ କଲ୍ୟାଣରେ ଉନ୍ନତି ଆଣିବା ପାଇଁ ବେଦାନ୍ତ ପ୍ରତିଶ୍ରୁତିବଦ୍ଧ । ବେଦାନ୍ତ ଆଲୁମିନିୟମର ବକ୍ସାଇଟ୍ ମାଇନ୍ସର ସିଇଓ ନୀତିନ କୁମାର ତିୱାରୀ କହିଛନ୍ତି, ସ୍ୱର୍ଣ୍ଣ ପ୍ରାଶନ କାର୍ଯ୍ୟକ୍ରମକୁ ଲୋକେ ଉତ୍ସାହର ସହ ଗ୍ରହଣ କରିଛନ୍ତି, ଯାହା ଦ୍ୱାରା ୪୦ଟି ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର ଉପକୃତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମକୁ କୋରାପୁଟ ପର୍ଯ୍ୟନ୍ତ ବିସ୍ତାର କରିବାକୁ ଯୋଜନା ଥିବା ବେଳେ ୩୦ ହଜାରରୁ ଅଧିକ ଶିଶୁଙ୍କ ପାଖରେ ପହଞ୍ଚିବାକୁ ଲକ୍ଷ୍ୟ ରଖାଯାଇଛି। କଳାହାଣ୍ଡି ଜିଲା ଚିକିତ୍ସାଧିକାରୀ ଡା. ମୀନାକ୍ଷୀ ବେଦବାକ କହିଛନ୍ତି, ଶିଶୁଙ୍କ କଲ୍ୟାଣ ପାଇଁ ଆୟୁର୍ବେଦିକ ସ୍ୱାସ୍ଥ୍ୟ ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ଦିଗରେ ସ୍ୱର୍ଣ୍ଣ ପ୍ରାଶନ କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।



# ଅନାସ୍ଥାରେ ଗଲା ସରପଞ୍ଚ ପଦ

ଗୁଡାରି, ୨୪।୧୨ (ପ୍ରମୋଦ କୁମାର ପତି)

ଗୁଡାରି ବ୍ଲକରେ ପ୍ରଥମଥର ପାଇଁ ଜଣେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା। କଦମା ପଞ୍ଚାୟତ କର୍ଯ୍ୟାଳୟରେ ମଙ୍ଗଳବାର ଅନାସ୍ଥା ନିମନ୍ତେ ଭୋଟ ଗ୍ରହଣ କରାଯାଇଥିଲା। ଏଥିରେ ମୋଟ ୧୩ ମତଦାନ ହୋଇଥିଲା। ସରପଞ୍ଚଙ୍କ ବିପକ୍ଷରେ ୧୦ ଭୋଟ ଦାନ ହୋଇଥିବା ବେଳେ ସପକ୍ଷରେ ୨ ଗୋଟି ମତଦାନ ହୋଇ ଗୋଟିଏ ଭୋଟ ନାକଚ ହୋଇଥିଲା। ସ୍ଥାନୀୟ ତହସିଲଦାର ଏ. ସ୍ନେହଲତା କାର୍ଯ୍ୟକ୍ରମରେ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ମାଜିଷ୍ଟ୍ରେଟ ଭାବେ ଦାୟିତ୍ୱରେ ଥିଲେ। ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳା ନିମନ୍ତେ ପୋଲିସ ଓ ହୋମଗାର୍ଡ ନିୟୋଜିତ ଥିଲେ।

# ସରସ୍ୱତୀ ପୂଜାରେ ସରିବ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ



ବୈଠକ ରେ ମଞ୍ଚାସିନ ଅତିଥି ।

ଗୁଣପୁର,୨୪।୧୨ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରର ତ୍ରୟଦୋଶ ରାଜ୍ୟ ସ୍ତରୀୟ ବଂଶଧାରା ବସନ୍ତ ମୋହତ୍ସବ ସରସ୍ୱତୀ ପୂଜାରେ ସରିବ। ଜାନୁଆରୀ ୨୭ ରେ ମିନି ମାରାଥାନ ଓ ଗଙ୍ଗା ଆବାହନ ହେବ । ୨୮ ରୁ ୫ ଦିନ ବ୍ୟାପି ମୁଖ୍ୟ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଫେବୃଆରୀ ୨ରେ ସରିବ । ତେବେ ମେଳା ଫେବୃଆରୀ ୪ ତାରିଖ ଯାଏ ଚାଲିବ ବୋଲି କୁହାଯାଇଛି। ସ୍ଥାନୀୟ କାନ୍ୟାକା ପରମେଶ୍ୱରୀ ମନ୍ଦିର ପରିସରରେ ଗୁଣପୁର ନବ ନିର୍ମାଣ ସମିତି ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ମଙ୍ଗଳବାର ଆୟାଜିତ ପ୍ରସ୍ତୁତି ବୈଠକରେ ଉତ୍ସବର ସମସ୍ତ ରୂପରେଖ ଚୂଡାନ୍ତ ହୋଇଥିଲା। କମିଟି ପୁନଃ ଗଠନ ଓ ଗତ ବର୍ଷର ହିସାବ ପ୍ରଦାନ ପରେ ବୈଠକ ଆରମ୍ଭ ହୋଇଥିଲା। ଜନଜାତିମାନଙ୍କ କଳା ସଂସ୍କୃତି ସହ ସ୍ଥାନୀୟ ପ୍ରତିଭାଗୁଡିକର ପ୍ରଦର୍ଶନ ପାଇଁ ବଡ ଧରଣର ମେଳା କରିବାକୁ ନିଷ୍ପତ୍ତି ହୋଇଥିଲା। ଏହା ପୂର୍ବରୁ ଜାନୁଆରୀ ୧୨ ରୁ ମେଗା କ୍ରୀଡା ଉତ୍ସବ ଆରମ୍ଭ କରିବା ସହ ବଳରାମ ପଣ୍ଡା ସ୍ମାରକୀ ଡ୍ୟୁଜ୍ ବଲ୍ କ୍ରିକେଟ ଟୁର୍ନାମେଣ୍ଟ ବଂଶଧାରା କପ୍‌କୁ ତୃତୀୟ ଥର ପାଇଁ କରିବାକୁ ନିଷ୍ପତ୍ତି ହୋଇଛି।

ଏହି ବୈଠକରେ ବିଧାୟକ ସତ୍ୟଜିତ ଗମାଙ୍ଗଙ୍କୁ ସହରବାସୀଙ୍କ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଧାୟକଙ୍କୁ ଉତ୍ସବ ଅଭ୍ୟର୍ଥନା କମିଟି ସଭାପତି ଭାବେ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ପରିଚାଳନା କମିଟି ଉପ ସଭାପତି ଉମା ଶଙ୍କର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ରଞ୍ଜିତ ପାଢୀ ଗତ ବର୍ଷର ଅନୁଭୁତି ଓ ଚଳିତ ବର୍ଷର ଯୋଜନା ସମ୍ପର୍କରେ କହିଥିଲେ। କୋଷାଧ୍ୟକ୍ଷ ପ୍ରଶାନ୍ତ ମିଶ୍ର ଓ ରାଜେଶ ପାଢୀ ଗତ ବର୍ଷର ଆୟବ୍ୟୟର ବିବରଣୀ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ, ଉପାଧ୍ୟକ୍ଷ ଶିବ ପ୍ରଶାଦ ଗୌଡ, ବରିଷ୍ଠ ଆଇନଜୀବୀ ଉମା ଚରଣ ପଟ୍ଟନାୟକ, ରାଜେନ୍ଦ୍ର ପାଢୀ, ଓକିଲ ସଂଘ ସଭାପତି ଦେବୀ ଆଚାର୍ଯ୍ୟ, ଜିଆଇଇଟି ବିଶ୍ୱବିଦ୍ୟାଳୟର ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ଭାଜପା ନେତା ୱାଇ ଗଣପତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରମେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋକଙ୍କୁ ଭେଟି ସମସ୍ୟା ବୁଝିଲେ ଜିଲାପାଳ

ମୁନିଗୁଡ଼ା,୨୪।୧୨ (ନନ୍ଦ କିଶୋର ପଟ୍ଟନାୟକ)

ନିୟମଗିରି ପାଦଦେଶରେ ଥିବା ମୁନିଗୁଡା ବ୍ଲକ ମୁନିଖୋଲ ପଞ୍ଚାୟତ ସକଟା ଗ୍ରାମକୁ ମଙ୍ଗଳବାର ରାୟଗଡା ଜିଲାପାଳ ପାରୁଲ ପଟୱାରୀ ଗସ୍ତ କରି ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଛନ୍ତି। ମୁନିଗୁଡା ବିଡିଓ କୃଷ୍ଣଚନ୍ଦ୍ର ଦଳପତି, ଅଧକ୍ଷା ଦୁଃଖିନୀ ନୁନ୍ଦୁକା,ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଏସର୍ଯ୍ୟ ଭଞ୍ଜଦେଓ, ଅଶୋକ ପାତ୍ର, ସିଡିପିଓ ଡାଳିମ୍ବ ନାୟକ, ପାନୀୟ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ରମେଶ ମିଞ୍ଜ ପ୍ରମୁଖଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଧିକାରୀମାନେ ସରପଞ୍ଚ ପାଇକା ଜାକାକାଙ୍କ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ରାସନ ସାମଗ୍ରୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ ଓ ଅନ୍ୟ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ସେଠାକାର ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ଗର୍ଭବତୀ ଡଙ୍ଗରିଆ ମହିଳାମାନଙ୍କୁ ପୃଷ୍ଟିକର ଖାଦ୍ୟ ଓ ପ୍ରି ସ୍କୁଲକୁ ଛୁଆମାନେ ଆସି ପଢୁଛନ୍ତି କି ନାହିଁ ସେ ସବୁ ବିଷୟରେ ସିଡିପିଓଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ। ସୂଚନା ଯେ ଗତ ନଭେମ୍ବର ମାସରେ ଗୁଣପୁରଠାରେ ଶହୀଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଉତ୍ସବ ପାଳନ ବେଳେ ବ୍ଲକର ସକଟା ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯାଇଥିଲା।



ଜିଲାପାଳ ଅନ୍ୟ ଅଧିକାରୀ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

# ମଣ୍ଡିରୁ ଧାନ ଉଠାଇବାକୁ ଦାବି

ଗୁଣପୁର,୨୪।୧୨ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ୍ ଗୁମୁଡା, ଭାମିନି, ଲିମାପଦର, ଉକୁମ୍ବା ଅଞ୍ଚଳର ଚାଷୀ ମଙ୍ଗଳବାର ସନ୍ଧ୍ୟାରେ ଗୁଣପୁର ଉପଜିଲାପାଳ କିରଣ ଦୀପ ସାହୋତାଙ୍କୁ ଭେଟି ମଣ୍ଡିରୁ ଧାନ ଉଠାଇବାକୁ ଦାବି କରିଛନ୍ତି । ବର୍ଷା ଲାଗି ରହୁଥିବାବେଳେ ମଣ୍ଡିରୁ ଧାନ ଉଠୁ ନ ଥିବାରୁ ଚାଷୀ ଚିନ୍ତାରେ ଅଛନ୍ତି। ୨୬ ତାରିଖରେ ମଣ୍ଡି କୁ ଯାଇ ଚାଷୀଙ୍କ ଦାବି ସମ୍ପର୍କରେ ଦୃଷ୍ଟି ଦିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।



ଉପଜିଲାପାଳଙ୍କୁ ଦାବି ଜଣାଇବାକୁ ଆସିଥିବା ଚାଷୀ।

# ଆଇଡିଅଲ ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ପଦ୍ମପୁର, ୨୪।୧୨ (ପ୍ରଶାନ୍ତ କର)

ପଦ୍ମପୁର ସହର ରାମଚନ୍ଦ୍ରଗୁଡାରେ ଥିବା ଆଇଡିଅଲ ପବ୍ଲିକ ସ୍କୁଲ ମୁକୁନ୍ଦ ବିହାରରେ ବାର୍ଷିକ କ୍ରୀଡା ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବକୁ ଗୁଣପୁର କଲେଜର ଅବସରପ୍ରାପ୍ତ କ୍ରୀଡା ଅଧ୍ୟାପକ ଦେବା ପ୍ରସାଦ ପାଢ଼ୀ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଆର୍. ଜି କଲେଜ ଇଂଲିଶ ଅଧ୍ୟାପକ ରମେଶ ଚନ୍ଦ୍ର ଦୋରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରେଡ୍ ହୋଇଥିଲା। ପାଢ଼ୀ ମଶାଲ ଗ୍ରହଣ କଲା ପରେ ଗଣେଶଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ କ୍ରୀଡା ପତାକା ଉତ୍ତୋଳନ ହୋଇଥିଲା। ସେ ଛାତ୍ରୀଛତ୍ରଙ୍କ ଦ୍ୱାରା ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ଏହା ପରେ ସେ ପାଠ ପଢ଼ିବା ସହିତ ଖେଳକୁଦ ମଧ ଜରୁରୀ ବୋଲି ବକ୍ତବ୍ୟରେ କହିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲେମ୍ବୁ ଚାମଚ ଦୌଡ଼, ମ୍ୟୁଜିକ୍ ଚେୟାର,୧୦୦ ମିଟର ଦୌଡ଼, ଅଖା ଦୌଡ଼, ଲମ୍ବ ଡ଼ିଆଁ,ଦଉଡ଼ି ଡ଼ିଆଁ, ୟୁନିଫର୍ମ ଓ ଗଣିତ ଦୌଡ଼ ଇତ୍ୟାଦି ଖେଳ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଦୁଇ ଦିନ ଧରି ଚାଲିଥିଲା। ସେହିପରି ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷୀକେଶ ରଥ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦ୍ରସେନ ଲିମା ଏବଂ ଆଇଓବି ମ୍ୟାନେଜର ଚନ୍ଦ୍ରକାନ୍ତ ଯୋଗ ଦେଇଥିଲେ। ଅଭିଭାବକମାନଙ୍କ ମଧ୍ୟରେ ଦୌଡ଼ ପ୍ରତିଯୋଗିତା ଏଂ ପାର୍ସେଲ ଗେମ୍ ହୋଇଥିଲା। କାର୍ଯ୍ୟକ୍ରମକୁ ସ୍କୁଲ ଅଧ୍ୟକ୍ଷା ଜ୍ୟୋତି ସାହୁ ଏଂ ପ୍ରଧାନ ଶିକ୍ଷୟିତ୍ରୀ ମିତୁ ପାଢ଼ୀ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଅର୍ପିତା ପଣ୍ଡା,ମଧୁସ୍ମିତା ମାଝି, ସୁଜ୍ଞାନି ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ତ୍ରୀପତି ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଚନ୍ଦ୍ରପୁରରେ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଚନ୍ଦ୍ରପୁର,୨୪।୧୨ (ବିଜୟ ଉଲ୍ଲାକା)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗାସୋରଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ପେସା ଦିବସ ପାଳନ ଅବସରରେ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଛି। ବାହାର ଲୋକଙ୍କ ଦ୍ୱାରା ବେଆଇନ ଭାବେ ହେଉଥିବା ଜମି ହସ୍ତାନ୍ତରକୁ ରୋକିବା, ଆଦିବାସୀମାନଙ୍କୁ ସୁରକ୍ଷା, ଗ୍ରାମ ସଭାକୁ ପ୍ରାଧାନ୍ୟ, ବେଆଇନ ଋଣ କାରବାର ଉପରେ ନିୟନ୍ତ୍ରଣ, ପେସା ଆଇନ ଅଧୀନରେ ଗାଁ ହାଟର ପରିଚାଳନା ଆଦି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଡାଙ୍ଗାସୋରଡ଼ା ସରପଞ୍ଚ ଅନିତା ଶବର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପାଳ, ବନରକ୍ଷୀ କସ୍ତୁରୀ ପ୍ରହରାଜ, ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ପୂର୍ବତନ ସରପଞ୍ଚ ସତ୍ୟ ନାରାୟଣ ପ୍ରତିକା, ଧରଣୀ ପ୍ରତିକା, ଏସ୍‌ଏଚ୍‌ଜି ମହିଳାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପିଇଓ ପାଳ ସଂଯୋଜନା କରିଥିଲେ।



# ଜାତୀୟ ରାଜପଥ କଡ଼ରୁ ଜବରଦଖଲ ଉଚ୍ଛେଦ

ରାୟଗଡ଼ା,୨୪।୧୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ଦେଇ ଯାଇଥିବା ୩୨୬ ନଂ ଜାତୀୟ ରାଜପଥ କଡ଼ରେ ଜବରଦଖଲକୁ ପୌର ପ୍ରଶାସନ ପକ୍ଷରୁ ହଟାଯାଇଛି। ରାୟଗଡ଼ା ସହରର ମୁଖ୍ୟ ରାସ୍ତା କଡ଼ରେ ବେଆଇନ ଭାବେ ଜବରଦଖଲ କରି କ୍ୟାବିନ ବସାଇ ପାନ, ଫାଷ୍ଟଫୁଡ୍ ଓ ଚା'ଦୋକାନ ତିଆରି କରାଯାଇଥିଲା। ଉକ୍ତ କ୍ୟାବିନଗୁଡ଼ିକୁ ଉଠାଇବା ପାଇଁ ପୌର ପରିଷଦ ପକ୍ଷରୁ ବାରମ୍ବାର ନିର୍ଦ୍ଦେଶ ଦିଆଯାଇଥିଲେ ସୁଦ୍ଧା କେହି ଏହାକୁ ଖାଲି କରି ନ ଥିଲେ। ତେଣୁ ପୌର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ରାୟଗଡ଼ା ସହରର ପୁରୁଣା ଗେଟ୍ ଛକରୁ ଆରମ୍ଭ କରି ଗଜପତି ଛକ ପର୍ଯ୍ୟନ୍ତ ରାସ୍ତା କଡ଼ରେ ରହିଥିବା କ୍ୟାବିନକୁ ପୌର ବିଭାଗ ହଟାଇଛି। କିଛି ଦୋକାନୀ ପୌର କର୍ମଚାରୀ ପହଞ୍ଚିବା ପୂର୍ବରୁ କ୍ଷୟକ୍ଷତି ଆଶଙ୍କାରେ ନିଜର କ୍ୟାବିନ୍ ହଟାଇ ଦେଇଥିଲେ। ସେହିଭଳି ସହରର ରାସ୍ତା କଡ଼ରେ ରହିଥିବା ସମସ୍ତ ଜବରଦଖଲକୁ ଉଚ୍ଛେଦ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ମିଶ୍ର କହିଛନ୍ତି। ଏହି ଜବରଦଖଲ ଉଚ୍ଛେଦ କରାଗଲେ ଲୋକଙ୍କ ପାଇଁ ଚଲାପଥ ସୁବିଧା ରହିବା ସହିତ ଟ୍ରାଫିକ ସମସ୍ୟା ଦୂର ହୋଇପାରିବ ଏବଂ ଦୁର୍ଘଟଣା କମିବାରେ ସହାୟକ ହେବ ବୋଲି ସେ କହିଛନ୍ତି।

# ଲଘୁଚାପ ବର୍ଷାରେ ଖଳାରେ ଭିଜିଲା ଧାନ

ବିଷମକଟକ, ୨୪।୧୨ (ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବ୍ଲକରେ ଲଘୁଚାପ ଜନିତ ବର୍ଷାରେ ଖଳାରେ ଭିଜିଲା ଧାନ। କିଛି ଦିନ ତଳେ ଦୁଇ ଦୁଇ ଥର ଆସିଥିବା ଲଘୁଚାପରେ କେତେକ ଚାଷୀଙ୍କର ଧାନ ଖଳାରେ ପଡି ରହିଥିବା ବେଳେ ଆଉ କେତେକଙ୍କର ଧାନ ନଷ୍ଟ ହୋଇଥିଲା। ଏବେ ରାଜ୍ୟ ସରକାରଙ୍କ ନିୟମକୁ ନେଇ ମଣ୍ଡି ଦାଇତ୍ୱରେ ଥିବା ସରକାରୀ କର୍ମଚାରୀମାନେ ମଣ୍ଡି କିପରି ସୁରୁଖୁରୁରେ ହେବ ସେନେଇ ଚିନ୍ତାରେ ରହିଛନ୍ତି। ପୁଣି ଏବେ ଦୁଇ ଦିନ ଧରି ଚାଲିଥିବା ଏହି ଲଘୁଚାପ ଜନିତ ବର୍ଷାରେ ନଷ୍ଟ ହୋଇଥିବା ଧାନକୁ କେଉଁଠି ରଖିବେ ଏବେ ଚିନ୍ତାରେ ଚାଷୀଙ୍କୁ ପକାଇଛି । ଲଘୁଚାପ ବର୍ଷା ଯୋଗୁ ଯେଉଁ ଚାଷୀମାନଙ୍କର ମଣ୍ଡି ଜାନୁଆରୀରେ ରହିଥିବା ବେଳେ ସେହି ଚାଷୀ ଏବେ ଧାନ ରଖିବା ପାଇଁ ସ୍ଥାନ ଖୋଜୁଛନ୍ତି। ରାଜ୍ୟସରକାରଙ୍କ ନିୟମକୁ ଏବେ ମଣ୍ଡି ପୂର୍ବରୁ କୌଣସି ମିଲର୍ସ ଚାଷୀଙ୍କ ଧାନ ରଖିବା ପାଇଁ ଭୟ କରୁଛନ୍ତ। କାରଣ କିଛି ଦିନ ତଳେ ଚାଷୀମାନଙ୍କ ଧାନ ରଖିଥିବା ଦୁର୍ଗୀ ଗ୍ରାମର ମାଣିକେଶ୍ୱରୀ ରାଇସ୍ ମିଲ୍ ଦାଇତ୍ୱରେ ଥିବା ମୋହୋନ ରାଓଙ୍କ ଗୋଦାମ ଘରେ ଯୋଗାଣ ବିଭାଗ ତରଫରୁ ଏକ ୪ ଜଣିଆ ଟିମ୍ ଚଢାଉକରି ୪୧୨ ବସ୍ତାରେ ୨୦୬ କୁଇଣ୍ଟାଲ ଧାନ ସିଜ୍ କରିଥିଲେ। ଭାଲେରୀ ଗ୍ରାମର ଓିଡ଼ିସିସି ଗୋଦାମ ଘରେ ୬୦୪ ବସ୍ତାରେ ୩୦୦ କୁଇଣ୍ଟାଲ ଧାନ ରହିଥିଲା। କାରଣ ସେହି ସମୟରେ ମୋହନ ରାଓଙ୍କ ପାଖରେ କୌଣସି କାଗଜ ପତ୍ର ନ ଥିବାରୁ ମୋଟ ୫୦୬ କୁଇଣ୍ଟାଲ ଧାନ ସିଜ୍ ହୋଇଥିଲା। ତେଣୁ ଏବେ ଚାଷୀଙ୍କ ଧାନରେ ହାତ ମାରିବା ପାଇଁ କୌଣସି ମିଲର୍ସ ସାହାସ କରୁନାହାନ୍ତି ବୋଲି ଚାଷୀ ରମେଶ ପାକି, ବାଦଲ ରଣା, ନାଗେଶ୍ୱର ମୁନିଙ୍କାଲ, କେ ଭାନୁ, ଭାଲୁ ବୈଦ୍ୟଭୂଷଣ,ପି.ଶ୍ରୀନୁଙ୍କ ସମେତ ସମସ୍ତ ଚାଷୀ ଅଭିଯୋଗ କରିଛନ୍ତି। ଏବେ ଏଫ୍‌ଏକ୍ୟୁକୁ ନେଇ ଚିନ୍ତାରେ ଚାଷୀ ରହୁଥିବା ବେଳେ ଧାର କରଜ କିପରି ସୁଝିବେ ବୋଲି ଚାଷୀ କହିଛନ୍ତି।



# ଛୁରି ଜବତ, ଜଣେ ଗିରଫ

**ଅଟୋ ଚାଳକଙ୍କ ଗଳାକାଟି ହତ୍ୟା ମାମଲା**

ରାୟଗଡ଼ା,୨୪।୧୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ଫୁଲଜବା ଗ୍ରାମରେ ଧାରୁଆ ଅସ୍ତ୍ରରେ ମୃତ ଅଟୋ ଚାଳକ ବଳରାମ ଖରାଙ୍କ ଗଳାକାଟି ହତ୍ୟା ମାମଲାରେ ଟିକିରି ପୋଲିସ ଜଣଙ୍କୁ ଗିରଫ କରିଛି । ସେ ହେଲେ ଅଣ୍ଡିରାକାଂଚ ଥାନା ଅଞ୍ଚଳର ରମେଶ ଖୋଡ଼ିଆ। ତାଙ୍କ ନିକଟରୁ ଏକ ଛୁରି, ବଳରାମ ଖରାଙ୍କ ଏସ୍‌ବିଆଇ ଏଟିଏମ୍ କାର୍ଡ, ପୋଷ୍ଟଲ କାର୍ଡ ଜବତ ହୋଇଛି । ଏନେଇ ମଙ୍ଗଳବାର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସ୍ୱାଥି ଏସ୍.କୁମାର ସୂଚନା ଦେଇଛନ୍ତିଞ୍ଜ। ପ୍ରକାଶ ଯେ, କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ ଗାରିଡ଼ି ଗ୍ରାମର ବଳରାମ ଖରା ରାୟଗଡ଼ା ଓ କୋରାପୁଟ ସୀମାନ୍ତ ଅଞ୍ଚଳରେ ଅଟୋ ଚଳାଇ ଗୁଜୁରାଣ ମେଣ୍ଟାଉଥିଲେ। ତେବେ ଗତ ୧୪ ତାରିଖରେ ବଳରାମ ଅଟୋ ନେଇ ଘରୁ ଯାଇଥିଲେ ହେଁ ରାତିରେ ଫେରିନଥିଲେ। ୧୫ ତାରିଖ ସକାଳୁ ତାଙ୍କ ମୃତଦେହ ପଡ଼ିଥିବା ଦେଖି ଫୁଲଜବା ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିଲେ। ପୋଲିସର ସୂଚନା ଅନୁସାରେ ଟଙ୍କା ଧାରକରଜକୁ ନେଇ ରମେଶ ଏହି ହତ୍ୟାକାଣ୍ଡ ଘଟାଇଥିବା ଜଣାପଡ଼ିଛି।



ବଳରାମ କିଛି ଦିନ ତଳେ ରମେଶଙ୍କଠାରୁ ୨୫ ହଜାର ଟଙ୍କା ଧାର ନେଇଥିଲେ। ହେଲେ ଉକ୍ତ ଧାର ଟଙ୍କା ବଳରାମ ଫେରାଇ ନ ଥିଲେ। ଏନେଇ ୧୪ ତାରିଖ ରାତିରେ ଉଭୟଙ୍କ ମଧ୍ୟ ପାଟିତୁଣ୍ଡ ହୋଇ ରମେଶ ହତ୍ୟାକାଣ୍ଡ ଘଟାଇଥିଲେ। ରମେଶ ସେଠାରୁ ବଳରାମଙ୍କ ଏଟିଏମ୍ କାର୍ଡ଼ ନେଇ କାଶୀପୁରସ୍ଥିତ ଏକ ଏଟିଏମରୁ ଟଙ୍କା ଉଠାଇବାକୁ ଉଦ୍ୟମ କରିଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡ଼ିଥିଲା। ପୋଲିସ ତଦନ୍ତରୁ ସମସ୍ତ ତଥ୍ୟ ଓ ପ୍ରମାଣ ଆଧାରରେ ରମେଶଙ୍କୁ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛି। ରାୟଗଡ଼ା ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତିଙ୍କ ନେତୃତ୍ୱରେ ପୋଲିସ ତଦନ୍ତ କରି ଘଟଣାର ପର୍ଦ୍ଦାଫାସ କରିଛି । ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏଏସପି ବିଷ୍ଣୁ ପ୍ରସାଦ ପାତ୍ର ଓ ଟିକିରି ଆଇଆଇସି ଉପସ୍ଥିତ ଥିଲେ।

# ୧୩ରୁ ପୁଷ୍ପୁନି ମହୋତ୍ସବ

■ ପୁଷ୍ପୁନି ପାଳନ ପ୍ରସ୍ତୁତି ବୈଠକ

■ ୨୬ରେ ପୁଷ୍ପୁନି ମହୋତ୍ସବ ପୋଷ୍ଟର ଉନ୍ମୋଚନ

ଜୟପୁର, ୨୪।୧୨(ପବନ ପାଣିଗ୍ରାହୀ)



ବୈଠକରେ କଳାକାରମାନେ ପୁଷ୍ପୁନି ମହୋତ୍ସବ ସମ୍ପର୍କରେ ଆଲୋଚନା କରୁଛନ୍ତି।

କୋରାପୁଟିଆ କଳା ଓ କଳାକାର ଗ୍ରୁପର ଆବାହନକ୍ରମେ ଆସନ୍ତା ପୁଷ୍ପୁନି ମହୋତ୍ସବ ପାଇଁ ଜୟପୁର କଳାକାରଙ୍କ ପକ୍ଷରୁ ସ୍ଥାନୀୟ ଗାଡାଖଲି କଲ୍ୟାଣ ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୧୩ରୁ ୨୦ ପର୍ଯ୍ୟନ୍ତ ପୁଷ୍ପୁନି ମହୋତ୍ସବ କରାଯିବ। ପ୍ରଥମ ଦିବସରେ ବିଭିନ୍ନ ବେଶଧାରୀ ଓ ସାଧାରଣ ଲୋକେ ଶୋଭାଯାତ୍ରାରେ ଯିବେ। ୧୪ରୁ ୨୦ ତାରିଖ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। କଣ୍ଠଶିଳ୍ପୀ ଅସୀମା ପଣ୍ଡା, ଅନୁରାଧା ପାଣିଗ୍ରାହୀ, ତେଲୁଗୁ ଚଳଚ୍ଚିତ୍ର ଗାୟିକା ଗାୟକ ଏବଂ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଅଭିନେତାମାନେ କଳା ପ୍ରଦର୍ଶନ କରିବେ। ପୌରାଣିକ ବେଶ ପ୍ରତିଯୋଗିତା, ଆଦିବାସୀ ବେଶ ପ୍ରତିଯୋଗିତା ସହ ଜୟପୁରର ବିଭିନ୍ନ ନାଟ୍ୟଦଳ ନାଟକ ପରିବେଷଣ କରିବେ। କୋରାପୁଟିଆ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଇ ବର୍ଷ ପ୍ରଥମ ଥର ପାଇଁ କବିତା ପାଠ କରାଯିବାକୁ ସ୍ଥିର ହୋଇଛି। ଏହାସହ ମିନାବଜାର, ଖାଦ୍ୟ ଷ୍ଟଲ, ପଲ୍ଲିଶ୍ରୀ ମେଳା ସହ ଅନେକ ଦୋକାନ ପଡ଼ିବାର ବ୍ୟବସ୍ଥା କରାଯାଉଛି। ଆସନ୍ତା ୨୬ ତାରିଖରେ ପୁଷ୍ପୁନି ମହୋତ୍ସବ ପୋଷ୍ଟର ଉନ୍ମୋଚନ କରାଯିବାକୁ ବୈଠକରେ ସ୍ଥିର ହୋଇଛି। ଧୀରେନ ମୋହନ ପଟ୍ଟନାୟକଙ୍କ ଆବାହନରେ ଅନୁଷ୍ଠିତ ବୈଠକରେ ଜୟନ୍ତ ସାମନ୍ତ, ରବି ପାତ୍ର, ମନୋଜ ପାତ୍ର, ଜୟନ୍ତ ପଟ୍ଟନାୟକ, ଗୋପାଳ ସାମନ୍ତରାୟଙ୍କ ସମେତ ଅନେକ କଳାକାର ଆଲୋଚନାରେ ଯୋଗଦେଇଥିଲେ।

# ଚାଉଳ ଚାଲାଣ ଭିଡିଓ ଭାଇରାଲ



ସୁନାବେଡା/ସେମିଲିଗୁଡା, ୨୪।୧୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)

**ରେଙ୍ଗା ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ**

ସେମିଲିଗୁଡା ବ୍ଲକ ରେଙ୍ଗା ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟରୁ ଗତ ୨୧ ତାରିଖ ସନ୍ଧ୍ୟାରେ ବାଇକ ଏବଂ ଅଟୋଯୋଗେ ଚାଉଳ ଚାଲାଣ ହେଉଥିବା ଭିଡିଓ ଭାଇରାଲ ହେବାରେ ଲାଗିଛି। ଫାଟକ ସମ୍ମୁଖରେ ଗୋଟିଏ ବାଇକରେ ୨ ଏବଂ ଅଟୋରେ ୬ ବସ୍ତା ଚାଉଳ ନିଆଯାଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଯାହାକୁ ନେଇ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ (ଡିଡବ୍ଲ୍ୟୁଓ)ସୁନୀଲ ତାଣ୍ଡିଙ୍କୁ ପଚାରିବାରୁ ଏଥିରେ ସ୍କୁଲର କୌଣସି ଷ୍ଟାଫଙ୍କ ସମ୍ପୃକ୍ତି ନ ଥିବା କହିବା ସହ ସ୍କୁଲରେ ଥିବା ସିସିଏ କର୍ମଚାରୀଙ୍କୁ କିଛି ରାଶନ ଦିଆଯାଇଥାଏ। ସେମାନେ ପ୍ରାୟ ୮ ରୁ ୧୦ ମାସ ହେବ ଦରମା ପାଇ ନ ଥିବାରୁ ସେହି ଚାଉଳ ନେଇଥିବା କହିଥିଲେ। ଏ ସମ୍ପର୍କରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ହରପ୍ରସାଦ ଦାସଙ୍କ ମୋବାଇଲ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ଏ ସମ୍ପର୍କରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିନାଥ ବେହେରାଙ୍କୁ ପଚାରିବାରୁ ସ୍କୁଲରୁ କୌଣସି ଚାଲାଣ ହୋଇନାହିଁ। ସିସିଏ ମାନଙ୍କର ବର୍ଷେ ହେଲା ଦରମା ମିଳିନି । ତାଙ୍କୁ ଦିଆଯାଉଥିବା ରାଶନ ସହ ତାଙ୍କ କପଡା ପତ୍ର ନେଇ ଯାଉଥିବା କହିଥିଲେ। ସୂଚନାଯୋଗ୍ୟ, ବର୍ଷକ ତଳେ ମଧ୍ୟ ଏହି ବିଦ୍ୟାଳୟରୁ ଚାଉଳ ଚୋରା ଚାଲାଣ ମମାଲରେ ତତ୍କାଳୀନ ପ୍ରଧାନ ଶିକ୍ଷକ ନିଲମ୍ବିତ ହୋଇଥିଲେ।

# ୬୦ଜଣଙ୍କ ଚକ୍ଷୁ ପରୀକ୍ଷା



ଶିବିରରେ ଚକ୍ଷୁ ପରୀକ୍ଷା କରାଯାଉଛି।

ଦାମନଯୋଡି,୨୪।୧୨ (ମାନସ ରଞ୍ଜନ କର)

'ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା'ରେ କୋରାପୁଟ ବ୍ଲକ ଡୁମୁରିପଦର ପଞ୍ଚାୟତ କେରେଗାଁ ଗ୍ରାମରେ ଜିଲା ଭ୍ରାମ୍ୟମାଣ ଦୃଷ୍ଟି କେନ୍ଦ୍ରପକ୍ଷରୁ ସୋମବାର ଏକ ଚକ୍ଷୁପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଡୁମୁରିପଦର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଦ୍ୱାରା କେରେଗାଁ ଅଙ୍ଗନୱାଡ଼ି କେନ୍ଦ୍ରରେ ଅନୁଷ୍ଠିତ ଶିବିରରେ ୬୦ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ। ସେଥିମଧ୍ୟରୁ ୧୯ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ ହୋଇଥିବା ବେଳେ ଦୃଷ୍ଟିଦୋଷ ଥିବା ୫ଜଣଙ୍କର ଚଷମା ପରୀକ୍ଷା କରାଯାଇଥିଲା। ମୋତିଆବିନ୍ଦୁ ରୋଗୀଙ୍କୁ କୋରାପୁଟରେ ଅସ୍ତ୍ରୋପଚାର ସହିତ ଦୃଷ୍ଟିଦୋଷ ଥିବା ବ୍ୟକ୍ତିଙ୍କୁ ଚଷମା ବଣ୍ଟନ ବ୍ୟବସ୍ଥା ରହିଥିବା ସୂଚନା ମିଳିଛି। ଏହାସହିତ ଶିବିରରେ ଔଷଧ ବଣ୍ଟନ ସହିତ ରୋଗୀଙ୍କର ରକ୍ତଶର୍କରା ଓ ରକ୍ତଚାପ ପରୀକ୍ଷା କରାଯାଇଥିଲା। ଏଥିରେ ଚକ୍ଷୁ ଚିକିତ୍ସା ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ ଚକ୍ଷୁ ପରୀକ୍ଷା କରିଥିଲା ବେଳେ ସୁପରଭାଇଜର ମକର ଜାନି ଓ ରାଧିକା ସୋରେନ,ସିଏଚଓ ଅଳକା ଦିଗାଲ,ସାସ୍ଥ୍ୟକର୍ମୀ ବିନ୍ଦୁରାଣୀ କର୍ମକାର ଆଶାକର୍ମୀ ରାଗିଣୀ ପଟ୍ଟନାୟକ,ରୀନା ଜାନି,ସୁଚିତ୍ରା ଜାନି,ମୁନି ଜାନି,ରଜନୀ ଜାନି,ବାସନ୍ତୀ ଜାନି ଏବଂ ଅଙ୍ଗନୱାଡ଼ି ସହାୟିକା ଅଞ୍ଜନା ଦାମି ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

# ଗୃହମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଏସ୍‌ପିର ବିକ୍ଷୋଭ

କୋରାପୁଟ,୨୪।୧୨(ଅମିତାଭ ବେହେରା)



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଏସ୍‌ପି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଗୃହମନ୍ତ୍ରୀ ଅମିତ ଶାହା ରାଜ୍ୟସଭାରେ ବି.ଆର୍. ଆମ୍ବେଡ଼କରଙ୍କ ବିଷୟରେ ଦେଇଥିବା ବୟାନକୁ ବିରୋଧ କରି ବହୁଜନ ସମାଜବାଦୀ ପାର୍ଟି (ବିଏସ୍‌ପି) ପକ୍ଷରୁ କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବହୁଜନ ସମାଜବାଦୀ ପାର୍ଟିର କୋରାପୁଟ ଜିଲା ଶାଖା ପକ୍ଷରୁ ଆମ୍ବେଡ଼କର ପାର୍କ ନିକଟରୁ ବାବା ସାହେବଙ୍କ ଫଟୋ ଧରି 'ଜୟ ଭୀମ' ନାରା ସହ 'ଅମିତ ଶାହା ମାଫି ମାଙ୍ଗୋ' ସ୍ଲୋଗାନ ଦେଇଥିଲେ। ଯେଉଁମାନେ ଗଣତନ୍ତ୍ରରେ ବିଶ୍ୱାସ କରନ୍ତି ନାହିଁ ସେମାନେ ଆମ୍ବେଡ଼କରଙ୍କ ସହ ବିବାଦ କରନ୍ତି। ଏଭଳି ବୟାନ ପାଇଁ ଅମିତ ଶାହାଙ୍କୁ କ୍ଷମା ମାଗିବା ସହ ଇସ୍ତଫା ଦେବାକୁ ବିଏସ୍‌ପି ଦାବି କରିଛି। ରାଜ୍ୟ ସଭାପତି ଟଙ୍କଧର ବାଘଙ୍କ ଆହ୍ୱାନ, ଜିଲା ପ୍ରଭାରୀ ଜଗବନ୍ଧୁ ମାଣ୍ଡିଙ୍କ ନେତୃତ୍ୱରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କୋରାପୁଟ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବିଏସ୍‌ପି କୋରାପୁଟ ଲୋକସଭା କୋଅର୍ଡିନେଟର କୃଷ୍ଣ ମହାନନ୍ଦିଆ, ସୁରେନ୍ଦ୍ର ଗାଣ୍ଟା ଓ ଲକ୍ଷ୍ମୀ ନାୟକଙ୍କ ସମେତ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

# କଣ୍ଟେନର-ବାଇକ୍ ଧକ୍କାରେ ଜଣେ ମୃତ

କୋରାପୁଟ,୨୪।୧୨(ଅମିତାଭ ବେହେରା)

କୋରାପୁଟର ରାଣୀଗଡ଼ ରାସ୍ତାରେ ସଡ଼କ ଦୁର୍ଘଟଣା ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ସମସ୍ତଙ୍କ ଘର ନବରଙ୍ଗପୁର ଦାଣ୍ଡ ସାହିର ବୋଲି ଜଣାପଡ଼ିଛି। ତେବେ ମୃତକଙ୍କ ପ୍ରକୃତ ପରିଚୟ ମିଳିନାହିଁ। ଆହତଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, କଣ୍ଟେନର ଗାଡ଼ିଟି ଯାଉଥିବା ବେଳେ ବାଇକ୍‌ଟି ହଠାତ୍ ଆଗକୁ ଆସିଯାଇଥିଲା। ବାଇକ୍‌ଟି କଣ୍ଟେନରର ସମ୍ମୁଖ ବାମ୍ପର ତଳେ ପଶିଯାଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣା ପଡୁଛି। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। କୋରାପୁଟ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିଛି। ଥାନାରେ ୧୯୩/୨୦୨୪ରେ ଏକ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ରୁନୁ ମାଝୀ କହିଛନ୍ତି।

# ପେସା ଆଇନ ସମ୍ପର୍କିତ ସଚେତନତା ଶିବିର

ଜୟପୁର, ୨୪।୧୨(ପବନ ପାଣିଗ୍ରାହୀ)



ଶିବିରରେ ଉପସ୍ଥିତ ଅଧିକାରୀମାନେ।

ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇ ପେସା ଆଇନ ଉପରେ ସଚେତନ କରାଯାଇଛି। ଜୟପୁର ବ୍ଲକ୍‌ର ଧନପୁର, ଜୟନ୍ତିଗିରି, ହାଡ଼ିଆ, କଙ୍ଗା, ଆମ୍ବାଗୁଡ଼ା, ବାରିଣିପୁଟ, ଉମୁରି ଭଳି ୨୨ଟି ପଞ୍ଚାୟତରେ ଏହି ସଚେତନତା ଶିବିର କରାଯାଇଛି। ପ୍ରତ୍ୟେକ ପଞ୍ଚାୟତ ପାଇଁ ନୋଡାଲ ଅଫିସର ନିଯୁକ୍ତି ହୋଇଥିଲେ। ଜୟନ୍ତିଗିରିରେ ବ୍ଲକ୍ ଅଧ୍ୟକ୍ଷ ତିଳୋତ୍ତମା ମୁଦୁଲି ଉପସ୍ଥିତ ଥିଲେ। ଏହି ଶିବିରକୁ ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ଜିପିଓ ଭାଗୀରଥି ନାୟକ ତଦାରଖ କରିଥିଲେ। ପେସା ଗ୍ରାମର ରୂପରେଖ, ବିକାଶ ଯୋଜନା ମଞ୍ଜୁରୀ, ଦାରିଦ୍ର୍ୟ ଦୂରୀକରଣ ଯୋଜନା ପାଇଁ ହିତାଧିକାରୀ ଚିହ୍ନଟ, ଆଦିବାସୀ ଜମି ହସ୍ତାନ୍ତର ରୋକିବା ଓ ଫେରସ୍ତ କରିବା, ନ୍ୟାୟ ପ୍ରଦାନ, ଗ୍ରାମ୍ୟ ହାଟ ଓ ବଜାର ପରିଚାଳନା, ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି, ଓ ଜିଲା ପରିଷଦର କ୍ଷମତା ଉପରେ ସଚେତନ କରାଯାଇଥିଲା। ଏହାସହ ଗ୍ରାମ ପଞ୍ଚାୟତସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ଏବଂ ପଞ୍ଚାୟତିରାଜ ଲୋକ ପ୍ରତିନିଧିମାନଙ୍କ ଭୂମିକା , ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ଉପରେ ସଚେତନ କରାଯାଇଥିଲା। ଏଠାରେ ଅଙ୍ଗନୱାଡି କର୍ମୀ, ଏସ୍‌ଏଚ୍‌ଜି ମହିଳା, ବ୍ୟାଙ୍କମିତ୍ର, ସ୍ୱାସ୍ଥ୍ୟ କର୍ମୀ ଓ ଆର୍‌ଆଇମାନେ ଉପସ୍ଥିତ ଥିଲେ।

# ରାସ୍ତା କଡ଼ରୁ ମାଂସ ଦୋକାନ ହଟାଇବା ଦାବି

ଜୟପୁର, ୨୪।୧୨(ପବନ ପାଣିଗ୍ରାହୀ)

ଜୟପୁର ଉପଜିଲାପାଳ ଆକା ବରମ ଶସ୍ୟା ରେଡ୍ଡୀଙ୍କୁ ଭେଟି ସାମାଜିକ କର୍ମୀ କୃଷ୍ଣ କେଶବ ଷଡଙ୍ଗୀ ଦାବିପତ୍ର ଦେଇଛନ୍ତି। ସହରର ସମସ୍ତ ସାହି ଓ ଗଳିରୁ ମାଂସ ଦୋକାନକୁ ଉଠାଇ ଦ୍ୱିତୀୟ ଦୈନିକ ବଜାର ଭିତରେ ଥିବା ଆମିଷ ମାର୍କେଟକୁ ନେବାକୁ ସେଥିରେ ଉଲ୍ଲେଖ ରହିଛି। ବିଦ୍ୟାଳୟ, ଜନ ଗହଳିପୂର୍ଣ୍ଣ ସ୍ଥାନରେ ଏହି ମାଂସ ଦୋକାନ ଗୁଡିକ ରହିଛି। ଏହା ଦ୍ୱାରା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ତେଣୁ ପ୍ରଶାସନ ଉଚିତ ପଦକ୍ଷେପ ନେବାକୁ ଦାବି କରାଯାଇଛି।

# ମାଣ୍ଡିଆ ଚାଷକୁ ଗୁରୁତ୍ୱ



ବୈଠକରେ ଉପସ୍ଥିତ ଅତିଥିମାନେ।

ଝରିଗାଁ,୨୪।୧୨(କିଶୋର ଚନ୍ଦ୍ର ମଣ୍ଡଳ)

**ଫସଲ ପ୍ରଣାଳୀ, ଖାଦ୍ୟ ନିରାପତ୍ତା କର୍ମଶାଳା**

ନବରଙ୍ଗପୁର ଜିଲା ଝରିଗାଁ ସଦରମହକୁମାସ୍ଥିତ ଆତ୍ମା କାର୍ଯ୍ୟାଳୟରେ ଗୋଷ୍ଠୀ କୃଷି ଅଧିକାରୀ ଗଜାନନ ସାହୁଙ୍କ ସଭାପତିତ୍ୱରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟସଭା ପୂର୍ବତନ ସଦସ୍ୟ ଭଗବାନ ମାଝୀ, ସହକାରୀ କୃଷି ଯନ୍ତ୍ରୀ ଜଗଦିଶ ଗଦବା, ଯୋଜନା ଅଧିକାରୀ ପ୍ରଣୟ କୁମାର ମନ୍ତ୍ରୀ, ହର୍ଷ ଟ୍ରଷ୍ଟ ଟିମ୍ ଲିଡର କୃଷ୍ଣଚନ୍ଦ୍ର ସ୍ୱାଇଁ, ଆଇସିଡିଏସ୍ ସୁପରଭାଇଜର, ପଞ୍ଚାୟତରାଜ ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଝରିଗାଁ ବ୍ଲକରେ ମାଣ୍ଡିଆ ଚାଷର ଚାହିଦା କିପରି ବଢିବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଫସଲ ପ୍ରଣାଳୀ ଏବଂ ଖାଦ୍ୟ ନିରାପତ୍ତା, ସେମାନଙ୍କର ପୁଷ୍ଟିକର ମୂଲ୍ୟ ଏବଂ ଖାଦ୍ୟପେୟର ବିବିଧତାର ମହତ୍ତ୍ୱ, ମିଲେଟଗୁଡିକର ଗୁରୁତ୍ୱ ସମ୍ପର୍କରେ ଗୋଷ୍ଠୀ କୃଷି ଅଧିକାରୀ ଆଲୋଚନା କରିଥିଲେ। ଶ୍ରୀଅନ୍ନ ଅଭିଯାନର ବ୍ଲକ୍ ପ୍ରୋଗ୍ରାମ ସଂଯୋଜକ ବିଭୂତି ଭୂଷଣ ସ୍ୱାଇଁ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଝରିଗାଁ ବ୍ଲକର ୧୨ ଜଣ ମାଣ୍ଡିଆ ଚାଷୀଙ୍କୁ ସେମାନଙ୍କର ମିଲେଟ ଚାଷ ଉଦ୍ୟମ, ମା ବାସୁକି ଆଦିଶକ୍ତି, ଲଙ୍ଗୁରମତି ଏସ୍‌ଏଚ୍‌ଜି, ମିଲେଟ ଭିତ୍ତିକ ଖାଦ୍ୟ ପାଇଁ ୬ଜଣ ସିଆର୍‌ପିଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଶ୍ରୀଅନ୍ନ ଅଭିଯାନର ବ୍ଲକ୍ ପ୍ରୋଗ୍ରାମ ସଂଯୋଜକ ପରିଚାଳନା କରିଥିଲେ।

# ପାଚିକା, ସହାୟିକାଙ୍କ ପ୍ରଶିକ୍ଷଣ ଶିବିର, ରନ୍ଧନ ପ୍ରତିଯୋଗିତା

**ପିଏମ୍ ପୋଷଣ ଯୋଜନାରେ କାର୍ଯ୍ୟରତ**

ଡେନ୍ଦୁଲିଖୁଣ୍ଟି, ୨୪।୧୨(ଚିଦାନନ୍ଦ ସାହୁ)



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପାଚିକା, ସହାୟିକାମାନେ।

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ଦିବ୍ୟ ହୃଦୟ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପିଏମ୍ ପୋଷଣ ଯୋଜନାରେ କାର୍ଯ୍ୟରତ ପାଚିକା ଓ ସହାୟିକାଙ୍କ ପ୍ରଶିକ୍ଷଣ ଶିବିର, ରନ୍ଧନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଇଓ ରମେଶ ରୟଙ୍କ ପୌରୋହିତ୍ୟରେ ୨୩ ଓ ୨୪ରେ ଏହି ଶିବିର ଅନୁଷ୍ଠିତ ହୋଇଛି। ସାଧନ କର୍ମୀ ଇନ୍ଦ୍ରଦ୍ୟୁମ୍ନ ବିଷୋୟୀ, ଶ୍ୟାମ ହରିଜନ, ଅଜୟ ହରିଜନ, ସୁନନ୍ଦିନୀ ତ୍ରିପାଠୀ, ଘାସିରାମ ମାଝୀ, ବ୍ରଜ ସମରିଆ,ପ୍ରଦୀପ ନାୟକ, ସର୍ବେଶ୍ୱର ପତି କାର୍ଯ୍ୟ ନିର୍ବାହ କରିଥିବାବେଳେ ପର୍ଯ୍ୟବେକ୍ଷକ ଭାବେ ଏବିଇଓ ମୋହନ ମଧୁସୂଦନ ବାଗ ଯୋଗଦେଇଥିଲେ। ବିଦ୍ୟାଳୟରେ ରୋଷେଇ କରିବା ବେଳେ କେଉଁ କେଉଁ ଦିଗକୁ ଦୃଷ୍ଟିଦେବା ଜରୁରୀ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ୱଚ୍ଛତାକୁ ପ୍ରାଥମିକତା ଦେବାକୁ କୁହାଯାଇଛି।

# ୪ ମାସ ପରେ ଯୋଗଦେଲେ ନୂତନ ଡାକ୍ତର

ତେନ୍ତୁଲିଖୁଣ୍ଟି, ୨୪।୧୨(ଚିଦାନନ୍ଦ ସାହୁ)

**ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନା**



ଇନ୍ଦ୍ରାବତୀ ନାଗରିକ ମଞ୍ଚ ସଦସ୍ୟମାନେ ଡାକ୍ତରଙ୍କୁ ସ୍ୱାଗତ କରୁଛନ୍ତି।

ନବରଙ୍ଗପୁର ଜିଲାରେ ଇନ୍ଦ୍ରାବତୀ ପ୍ରକଳ୍ପ ଦ୍ୱାରା ପରିଚାଳିତ ସ୍ୱାସ୍ଥ୍ୟକେନ୍ଦ୍ର ସେପ୍ଟେମ୍ବର ମାସରୁ ଡାକ୍ତର ଶୂନ୍ୟ ହୋଇଯାଇଥିଲା। ଫଳରେ ଶତାଧିକ ଅଞ୍ଚଳବାସୀ ବିନା ଡାକ୍ତରୀ ପରାମର୍ଶରେ ଫାର୍ମାସିଷ୍ଟଙ୍କ ଭରସାରେ ଔଷଧ ନେବାକୁ ବାଧ୍ୟ ହେଉଥିଲେ। ପ୍ରକଳ୍ପ ଡାକ୍ତରଖାନା ହସ୍ତାନ୍ତର ପ୍ରକ୍ରିୟା ତ୍ୱରାନ୍ୱିତ ହେଉ ନ ଥିବାରୁ ଅଞ୍ଚଳବାସୀ ଡାକ୍ତରୀ ସୁବିଧାରୁ ବଞ୍ଚିତ ହେଉଥିଲେ। ବାରମ୍ବାର ଦାବି ପରେ ସିଡିଏମ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଡାକ୍ତର ଶିବଶଙ୍କର ରାୟ ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନାରେ ଯୋଗଦେଇଛନ୍ତି । ଦୀର୍ଘ ୪ ମାସ ପରେ ଡାକ୍ତର ଏଠାରେ ଯୋଗଦେଇଥିବାରୁ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି। ମଙ୍ଗଳବାର ଇନ୍ଦ୍ରାବତୀ ନାଗରିକ ମଞ୍ଚର ପୃଥ୍ୱୀରାଜ ପାଇକରାୟ, ଦୀପକ ରାଉତ ଓ ଗୋବର୍ଦ୍ଧନ ସାହୁ ଫୁଲତୋଡ଼ା ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ପୋଡ଼ାଗଡ ବନ୍ଧ ନିର୍ବାହୀ ଯନ୍ତ୍ରୀ, ତହସିଲଦାର ପ୍ରକଳ୍ପ ମେଡିକାଲରେ ଡାକ୍ତର ଯୋଗଦେଇଥିବାରୁ ଖୁସିବ୍ୟକ୍ତ କରିଛନ୍ତି। ପ୍ରକଳ୍ପ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇଦିଆଯିବ ବୋଲି ସେ କହିଛନ୍ତି।

# ୩ ବର୍ଷ ହେବ ଡେପୁଟେଶନରେ ଜଗନ୍ନାଥପୁର ଏଏନ୍‌ଏମ୍

ନବରଙ୍ଗପୁର,୨୪।୧୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଜଗନ୍ନାଥପୁର ପଞ୍ଚାୟତରେ ଗତ ୩ ବର୍ଷ ଧରି ଏଏନ୍‌ଏମ୍ ନାହାନ୍ତି। ଯାହାକୁ ନେଇ ସାଧାରଣ ରୋଗୀଙ୍କ ସମସ୍ୟା ବଢୁଛି। ଜଗନ୍ନାଥପୁର ପଞ୍ଚାୟତ ଏକ ଉପାନ୍ତ ଅଞ୍ଚଳ ହୋଇଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ଓ ସଚେତନତାର ଅଭାବ ଲାଗିରହିଛି। ମ୍ୟାଲେରିଆ, ଡାଇରିଆ ଭଳି ରୋଗ ସମ୍ପର୍କରେ ଲୋକେ ସଚେତନ ହୋଇପାରୁନାହାନ୍ତି। ଗର୍ଭବତୀ, ପ୍ରସୂତିଙ୍କ ଯତ୍ନ, ଶିଶୁଙ୍କ ଯତ୍ନ, ସ୍ୱାସ୍ଥ୍ୟ ଟିକାକରଣ, ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା ବିଷୟରେ ଲୋକେ ଅବଗତ ହୋଇପାରୁନାହାନ୍ତି। ବିଭାଗୀୟ ଅଧିକାରୀ ଏ ସମ୍ପର୍କରେ ଜାଣି ମଧ୍ୟ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

ସୂଚନାନୁଯାୟୀ, ୩ ବର୍ଷ ତଳେ ଜଗନ୍ନାଥପୁର ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ସାନ୍ତୋଷିନୀ ପ୍ରଧାନ ଏଏନଏମ୍‌ଭାବେ ଯୋଗ ଦେଇଥିଲେ। ଏପ୍ରିଲ୍ ୨୦୨୨ରୁ ତାଙ୍କୁ ଡେପୁଟେସନରେ କୋରାପୁଟ ଜିଲାକୁ ପଠାଯାଇଛି। ପୁଟଘର ଓ କକଟିସିଲ ଭଳି ଦୁର୍ଗମ ଗାଁକୁ ଗମନାଗମନ ସୁବିଧା ନାହିଁ। ଜଗନ୍ନାଥପୁରରେ ଏକ ଉପସ୍ୱାସ୍ଥ୍ୟ କେନ୍ଦ୍ର ଅଛି। ସେଠାରେ ସିଏଚଓ ମଧ୍ୟ ନାହାନ୍ତି। ଜଣେ ପୁରୁଷ କର୍ମୀ ଥିବାବେଳେ ମହିଳା ଏବଂ ଶିଶୁ ଯତ୍ନ କ୍ଷେତ୍ରରେ ସ୍ୱାସ୍ଥ୍ୟ ସେବା ଏବଂ ସଚେତନତା ଉପଲବ୍ଧ ନାହିଁ। ପିଲାମାନଙ୍କୁ ବିଭିନ୍ନ ପ୍ରକାରର ଭାଇରାଲ୍ ଜର, ଥଣ୍ଡା, କାଶ, ଡାଇରିଆ, ଝାଡ଼ାବାନ୍ତି ଆଦି ହେଲେ ଆଶୁ ଚିକିତ୍ସା ପାଇଁ ସେମାନଙ୍କୁ ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବାକୁ ପଡୁଛି। ଯାହାକି ୧୮ କିଲୋମିଟର ଦୂର। ଅଧିକ ଗୁରୁତର ଥିଲେ ୩୫ କିଲୋମିଟର ଦୂର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପଡୁଛି। ଏଏନଏମ୍ ଥିଲେ ସେମାନଙ୍କ ପାଇଁ ସୁବିଧା ହୁଅନ୍ତା ବୋଲି ପଞ୍ଚାୟତବାସୀ କହିଛନ୍ତି। ଦୁର୍ଗମ ଅଞ୍ଚଳକୁ ଆମ୍ବୁଲାନ୍ସ ଯିବା ଅସମ୍ଭବ। ପଞ୍ଚାୟତର ୨୦ ଗାଁର ଲୋକେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ଏଏନଏମ୍ ସନ୍ତୋଷିନୀଙ୍କ ସ୍ଥାନରେ ଅନ୍ୟକୁ କାହିଁକି ନିଯୁକ୍ତି ଦିଆଯାଉ ନାହିଁ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଜଗନ୍ନାଥପୁର ଗାଁର ପ୍ରହଲ୍ଲାଦ ସେମଲି, ସୁନାଧର ମୁଦୁଲି, ଅଭିମନ୍ୟୁ ମାଳୀ, ବୃନ୍ଦାବନ ଗୌଡ଼, ଦୈନୁ ହରିଜନ ଜଣେ ନୂତନ ଏଏନଏମ୍‌ଙ୍କୁ ନିଯୁକ୍ତି ଦେବାକୁ ଦାବି କରିଛନ୍ତି। ନବରଙ୍ଗପୁର ସିଡିଏମଓ ଡାକ୍ତର ସନ୍ତୋଷ ପଣ୍ଡାଙ୍କୁ ଏ ସମ୍ପର୍କରେ ପଚାରିବାରୁ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ଜଗନ୍ନାଥପୁର ଉପସ୍ୱାସ୍ଥ୍ୟକେନ୍ଦ୍ର।

# ସବୁ ଚାଷୀଙ୍କଠାରୁ ଧାନ କିଣାଯିବ: ମନ୍ତ୍ରୀ ନିତ୍ୟାନନ୍ଦ

■ ମନ୍ତ୍ରୀଙ୍କ ଉମରକୋଟ ଧାନମଣ୍ଡି ପରିଦର୍ଶନ

■ ଅଚଳ ମଣ୍ଡି କାର୍ଯ୍ୟକ୍ଷମ ନେଇ ଜିଲାପାଳଙ୍କ ସହ ଆଲୋଚନା

ଉମରକୋଟ, ୨୪।୧୨ (ସନ୍ତୋଷ ଶତପଥୀ)



ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଣ୍ଡିରେ ଚାଷୀ, ଆର୍‌ଏମ୍‌ସି ଓ ଲ୍ୟାମ୍ପ୍‌ସ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ତଥା ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ମଙ୍ଗଳବାର ଉମରକୋଟର ବିଭିନ୍ନ ଧାନମଣ୍ଡି ପରିଦର୍ଶନ କରିଛନ୍ତି। ସେଠାରେ ମନ୍ତ୍ରୀ ଉପସ୍ଥିତ ଚାଷୀ, ଆର୍‌ଏମ୍‌ସିଏସ୍ ଅଧିକାରୀ, ଲ୍ୟାମ୍ପ୍‌ସ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଥିଲେ। ଚାଷୀଙ୍କୁ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ମିଳୁଛି କି ନାହିଁ ବୋଲି ପଚାରି ବୁଝିଥିଲେ।

ରାଜ୍ୟରେ ଧାନକିଣା ସୁରୁଖୁରୁରେ ଚାଲିଛି। ଭାଜପା ସରକାର ପ୍ରତିଶ୍ରୁତି ମୁତାବକ ଚାଷୀଙ୍କୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଦେଉଛି ବୋଲି ମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ମଣ୍ଡିକୁ ଲୋକ ପ୍ରତିନିଧିମାନେ ଯାଇ ୩୧୦୦ ଟଙ୍କାରେ ଧାନ କିଣାଯାଉଛି କି ନାହିଁ ତାହା ତଦାରଖ କରିବେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ମୁଁ ଉମରକୋଟ ମଣ୍ଡିକୁ ଆସିଥିଲି ଏବଂ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ଚାଲିଛି। ଚାଷୀ ମଧ୍ୟ ଖୁସି ଅଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଜିଲାର କିଛି ଜାଗାରେ ମଣ୍ଡି ଅଚଳ ରହିଛି ବୋଲି ମନ୍ତ୍ରୀ ଏକମତ ହୋଇଥିଲେ। ଏହିସବୁ ମଣ୍ଡି ଯେପରି ଚାଲିବ ସେଥିପାଇଁ ଜିଲାପାଳଙ୍କ ସହ ଆଲୋଚନା କରାଯାଇଛି। ସମସ୍ତ ମଣ୍ଡିକୁ ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି । ସମସ୍ତ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣାଯିବ। ଯେଉଁମାନଙ୍କର ଟୋକେନ୍ ଲାପ୍‌ସ ହୋଇ ଯାଇଛି ସେଗୁଡ଼ିକୁ ଜିଲାପାଳ କାର୍ଯ୍ୟକ୍ଷମ କରାଇବେ। ସବୁ ଚାଷୀଙ୍କଠାରୁ ଧାନ କିଣା ଯିବ ବୋଲି ମନ୍ତ୍ରୀ କହିଛନ୍ତି। ମଣ୍ଡି ପରିଦର୍ଶନ ବେଳେ ମନ୍ତ୍ରୀଙ୍କ ସହ ରାଜ୍ୟ ଭାଜପା ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ପୂର୍ବତନ ନଗରପାଳ ପି.ରାବଣା ରାଓ, ଏମ୍‌ପି ପ୍ରତିନିଧି ରାମ ନାୟକ , ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପାଢ଼ୀ, ମନ୍ଦିରା ନାୟକ, ମିଲ୍ ମାଲିକ ବୁଟନ ଅଗ୍ରୱାଲ, ପ୍ରଶାନ୍ତ ଦାସ, ରାଜେଶ ରାଓ, ଲ୍ୟାମ୍ପ୍‌ସ ନିର୍ଦ୍ଦେଶକ ଅସିତ୍ କୁମାର ରୟ ଓ ଆର୍‌ଏମ୍‌ସି ସୁପରଭାଇଜର ରାଜେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଅଧିକାରୀଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ।

